ପାଠ / पाठ 15

ଉତ୍କଳ ଭାରତୀ କୁନ୍ତଳା କୁମାରୀ
उत्कळ भारती कुंतळा कुमारी

ବାପା : ସରଳା, ସମସ୍ତେ କ'ଣ ଖାଇକରି ଶୋଇ ପଡ଼ିଲେଣି ?

ସରଳା : ନାଇଁ । କେବଳ ବୋଉ ନଖାଇକି ଶୋଇ ଯାଇଛି । ଆପଣଙ୍କୁ ଅପେକ୍ଷା କରିଥିଲା । ଏବେ ମୁଁ ତାକୁ ଉଠେଇବି । ଆପଣ ଦୁଇଜଣ ଏକାଠି ଖାଇବେ ।

ବାପା : ଆଚ୍ଛା ହଉ ।

ସରଳା : ବାପା ! ଆପଣ କ'ଣ ଭାଷଣ ଦେଇକରି ଆସିଲେ ?

ବାପା : ହଁରେ ମା, ମୁଁ ଭାଷଣ ଦେଇକରି ହିଁ ଆସିଛି।

ସରଳା : ଆପଣ ଆଜି କୋଉଠିକି ଭାଷଣ ଦେବାକୁ ଯାଇଥିଲେ ?

ବାପା : ଆମ ଓଡ଼ିଆ ସାହିତ୍ୟର ନାରୀ କବି କୁନ୍ତଳା କୁମାରୀ ସାବତଙ୍କ ଉପରେ ଗୋଟିଏ ସଭା ହେଉଥିଲା । ମୁଁ ସେଠିକି ଯାଇଥିଲି । ତାଙ୍କ ବିଷୟରେ

उत्कल भारती कुंतला कुमारी

पिताजी : सरला, क्या सभी खा कर सो गए?

सरला : नहीं। केवल माताजी बिना खाए सो गई है। आपकी इंतज़ार कर रही थी। अब मैं उन्हें जगाऊँगी। आप दोनों इकट्ठे खा सकते हैं।

पिताजी : अच्छा! ठीक् है।

सरला : पिताजी ! क्या आप भाषण देकर आए हैं?

पिताजी : हाँ बेटी, मैं भाषण दे कर आया हूँ।

सरला : आप आज कहाँ भाषण देने गए थे?

पिताजी : हमारे ओड़िआ साहित्य की (महिला कवि) कवयित्री कुंतला कुमारी साबत के ऊपर एक सभा हो रही थी। मैं वहीं गया था। उनके बारे में भाषण देकर आया।

सरला : उनके विषय में भाषण देने के लिए क्या आप बहुत सारी पुस्तकें पढ़कर

ଭାଷଣ ଦେଇକରି ଆସିଲି ।

ସରଳା : ତାଙ୍କ ବିଷୟ୍ରେ ଭାଷଣ ଦେବାପାଇଁ ଆପଣ କ'ଣ ବହୁତ ବହି ପଢ଼ିକି ଯାଇଥିଲେ ?

ବାପା : ନାଇଁ । ଆଜି ମୁଁ ନ ପଢ଼ିକରି ହିଁ ଯାଇଥିଲି । ଆଗରୁ ମଧ୍ୟ କୁନ୍ତଳା କୁମାରୀଙ୍କ ବିଷୟ୍ରେ ବହୁତ ପଢ଼ିଥିଲି । ଏଣୁ ଏଥର ଆଉ ପଢ଼ିକି ଯିବା ଦରକାର ପଡ଼ିଲା ନାହିଁ ।

ସରଳା : ବାପା, ତାଙ୍କ ବିଷୟ୍ରେ ମତେ ବି କିଛି କୁହନ୍ତୁନା ?

ବାପା : ଆଚ୍ଛା । ତେବେ ଶୁଣ । କୁନ୍ତଳା କୁମାରୀ ଜଣେ ବହୁତ ବଡ଼ ନାରୀ କବି ଥିଲେ । ତାଙ୍କର ପ୍ରଥମ କବିତା ଗୁଡ଼ିକ ବିପ୍ଳବୀମାନଙ୍କ ପାଇଁ ଉଦ୍‌ବୋଧନ ମୂଳକ କବିତା ଥିଲା । ସେ କବିତା ଲେଖିଲେଖି କରି ଅମର ହୋଇଥିଲେ । ଇଂରେଜ ସରକାର ତାଙ୍କର 'ଆହ୍ୱାନ' କବିତାକୁ ବ୍ୟାଜ୍ୟାପ୍ତ କରି ଦେଇଥିଲେ ।

ସରଳା : ବାପା, କୁନ୍ତଳା କୁମାରୀଙ୍କ ଘର କେଉଁଠି ?

ବାପା : ତାଙ୍କ ଘର ବସ୍ତରରେ । ସେ

गए थे?

पिताजी : नहीं। आज मैं न पढ़े ही गया था। मैंने तो पहले से ही कुंतला कुमारी के विषय में बहुत पढ़ा था। इसलिए इस बार और पढ़कर जाने की आवश्यकता नहीं पड़ी।

सरला : पिताजी, उनके विषय में मुझे भी कुछ बताइए ना?

पिताजी : अच्छा। तो सुन। कुंतला कुमारी एक बहुत बड़ी (नारी कवि) कवयित्री थीं। उनकी आरंभिक (प्रथम) कविताएँ क्रांतिकारी देशभक्तों केलिए उद्बोधनमूलक कविताएँ थीं। वे कविता लिख लिखकर अमर हो गयीं। अंग्रेज़ी सरकार ने उनकी 'आह्वान' कविता को ज़ब्त कर दिया था।

सरला : पिताजी, कुंतला कुमारी का घर कहाँ है?

पिताजी : उनका घर बस्तर में है। उन्होंने १९०० ईसवी में जन्म लिया था। उनके पिता दानिएल सावत एक डाक्टर थे। कुंतला कटक से डाक्टरी पढ़ कर निकली थीं।

सरला : पिताजी, क्या उन्होंने शादी की थी?

୧୯୦୦ ଖ୍ରୀଷ୍ଟାବ୍ଦରେ ଜନ୍ମ ହୋଇଥିଲେ । ତାଙ୍କ ବାପା ଦାନିଏଲ ସାବତ ଜଣେ ଡାକ୍ତର । କୁନ୍ତଳା କଟକରୁ ଡାକ୍ତରୀ ପଢ଼ିକରି ବାହାରିଥିଲେ ।

ସରଳା : ବାପା, ସେ କ'ଣ ବିବାହ କରିଥିଲେ ?

ବାପା : ହଁ । ସେ ଡାକ୍ତର କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କୁ ବିବାହ କରିଥିଲେ । ସେ ଦି' ଜଣଯାକ ଜନ ସେବା କରି ଜୀବନ ବିତେଇ ଦେଇଥିଲେ । ମାତ୍ର ଅଠତିରିଶ ବର୍ଷ ବୟସରେ କୁନ୍ତଳା ପରଲୋକ ଗମନ କରିଥିଲେ ।

ସରଳା : ବାପା, ସେ କ'ଣ କେବଳ କବିତା ଲେଖିକି ସୁନାମ ଅର୍ଜନ କରିଥିଲେ?

ବାପା : ନାଁ । ସେ କବିତା ଛଡ଼ା ଗଳ୍ପ, ଉପନ୍ୟାସ ମଧ୍ୟ ଲେଖିଥିଲେ । 'ଅଞ୍ଜଳି', 'ଉଚ୍ଛ୍ୱାସ', 'ସ୍ଫୁଲିଙ୍ଗ', 'ପ୍ରେମ ଚିନ୍ତାମଣି' ଆଦି ତାଙ୍କର କବିତା ବହି । ଏ ସବୁ ଛଡ଼ା 'ପରଶ-ମଣି', 'ଭ୍ରାନ୍ତି', 'କାଳିବୋହୂ', 'ନଅତୁଣ୍ଡୀ', 'ରଘୁ ଅରକ୍ଷିତ' ଆଦି ଉପନ୍ୟାସ ରଚନା କରିକି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

पिताजी : हाँ। उन्होंने डाक्टर कृष्ण प्रसाद ब्रह्मचारी से शादी की थी। उन दोनों ने जनसेवा करके जीवन बिता दिया था। मात्र अड़तीस वर्ष की आयु में कुंतला परलोक सिधार गईं।

सरला : पिताजी, क्या उन्होंने केवल कविता लिखकर ख्याति अर्जित की थी?

पिताजी : नहीं। उन्होंने कविता के अतिरिक्त कहानी और उपन्यास भी लिखे थे। 'अंजलि', 'उद्‌वास', 'स्फुलिंग', 'प्रेम चिंतामणि' आदि उनकी कविताओं की पुस्तकें हैं। इन के अलावा 'परसमणि', 'भ्रांति' 'कालि बोहु', 'नअतुण्डी', 'रघु-अरक्षित' आदि उपन्यासों की रचना करके उन्होंने ओड़िआ साहित्य को समृद्ध किया है। उनको सब लोग 'उत्कल-भारती' कहते हैं।

सरला : पिताजी, मुझे भी कविता लिखने की इच्छा हो रही है।

पिताजी : अब तो तू अपनी पाठ पढ़ पढ़ कर थक जाती हो। बड़े होकर तुम भी उनकी कविताएँ पढ़ोगी और उसके बाद तुम भी कविता लिख सकोगी।

ତାଙ୍କୁ ସମସ୍ତେ "ଉତ୍କଳ
ଭାରତୀ" କୁହନ୍ତି ।

ସରଳା : ବାପା, ମୋର ବି କବିତା
ଲେଖିବାକୁ ମନ ହେଉଛି ।

ବାପା : ଏବେ ତ ତୁ ନିଜ ପାଠ ପଢ଼ି
ପଢ଼ିକି ହାଲିଆ ହୋଇଯାଉଛୁ ।
ବଡ଼ ହୋଇକରି ତାଙ୍କର ସବୁ
କବିତା ପଢ଼ିବୁ ଆଉ ତା' ପରେ
ତୁ ବି କବିତା ଲେଖି ପାରିବୁ ।

शब्दार्थ

ओड़िआ शब्द	हिंदी अर्थ
ଭାଷଣ	भाषण
ସାହିତ୍ୟର	साहित्य का
ନାରୀକବି	कवयित्री (महिला कवि)
ବିପ୍ଳବୀ	विप्लवी, देशभक्त, आंदोलनकारी
ଜନ୍ମ ହୋଇଥିଲେ	जन्म हुआ था
ବିବାହ	शादी
ଜନସେବା	जन-सेवा
ସୁନାମ ଅର୍ଜନ	नाम कमाना, ख्याति पाना
କବିତା	कविता
ସମୃଦ୍ଧ	समृद्ध
ହାଲିଆ	थक जाना
ଗଳ୍ପ	गल्प
ଉପନ୍ୟାସ	उपन्यास
ଲେଖିଥିଲେ	लिखते थे

ବଡ଼ ହୋଇକରି	**बड़े होकर**
ବ୍ୟାଜ୍ୟାପ୍ତ କରିବା	**जब्त करना**
ଅପେକ୍ଷା	**प्रतीक्षा**
ଉଠେଇବା	**उठाना**

अभ्यास

I. (1) **नीचे दिए गए वाक्य दोहराइए।**

1. ସମସ୍ତେ କ'ଣ ଖାଇକି ଶୋଇ ପଡ଼ିଲେଣି ?
2. ନାଇଁ, ବୋଉ ନଖାଇକି ଶୋଇ ଯାଇଛି।
3. ଆପଣ କ'ଣ ଭାଷଣ ଦେଇକରି ହିଁ ଆସିଲେ ?
4. ମୁଁ ଭାଷଣ ଦେଇକି ଆସିଲି।
5. ଆପଣ କ'ଣ ପଢ଼ିକରି ଯାଇଥିଲେ ?
6. ନାଇଁ, ମୁଁ ନପଢ଼ି କରି ହିଁ ଯାଇଥିଲି।
7. କୁନ୍ତଳା କଟକରୁ ଡାକ୍ତରୀ ପଢ଼ିକରି ବାହାରିଥିଲେ।
8. ଦି' ଜଣଯାକ ଜନ ସେବା କରି ଜୀବନ ବିତେଇ ଦେଇଥିଲେ।
9. ସେ କ'ଣ କେବଳ କବିତା ଲେଖି କରି ସୁନାମ ଅର୍ଜନ କରିଥିଲେ ?
10. ଉପନ୍ୟାସ ରଚନା କରିକି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି।
11. ଏବେ ତ ତୁ ନିଜ ପାଠ ପଢ଼ି ପଢ଼ିକି ହାଲିଆ ହୋଇ ଯାଉଛୁ।

II. **वाक्यों में रेखांकित शब्दों के स्थान पर दिए गए शब्दों का प्रयोग कर नए वाक्य बनाइए ।**

1) ସମସ୍ତେ କ'ଣ <u>ଖାଇ</u> କି ଶୋଇ ପଡ଼ିଲେଣି ?

ଦୁଧପିଇ
ବହିପଢ଼ି
ସିନେମା ଦେଖି
ଭଜନ ଶୁଣି
କାମ କରି

2) ବୋଉ ଭାତ <u>ନଖାଇ</u>କି ଶୋଇ ପଡ଼ିଲା ।

ଭାତ ନଦେଇ
କାମ ନକରି
ରାମାୟଣ ନପଢ଼ି
ଭାଗବତ ନଶୁଣି
ଗପ ନକହି

3) ମୁଁ <u>ଭାଷଣ ଦେଇ</u> କି ଆସିଲି ।

ପାଠ ପଢ଼ି
ଗୀତ ଗାଇ
ନାଚ କରି
ଭାତ ଖାଇ
ଲେଖିକରି

4) ତୁ କ'ଣ <u>ପଢ଼ି</u> କରି ଯାଇଥିଲୁ ?

ଲେଖି
କହି
ଶୋଇ
ଶୁଣି
ଦୌଡ଼ି

5) ନାଇଁ, ମୁଁ <u>ନପଢ଼ି</u> କରି ହିଁ ଯାଇଥିଲି ।

ନଲେଖି
ନକହି
ନଶୋଇ
ନକାନ୍ଦି
ନଦୌଡ଼ି

6) ସେମାନେ <u>ଖେଳି ଖେଳି କରି</u> ଜୀବନ ବିତେଇ ଦେଲେ ।

କାମ କରି କରି
ଗୀତ ଗାଇ ଗାଇ
ପାଠ ପଢ଼ି ପଢ଼ି
ନାଚ କରି କରି
ଗୀତ ଶିଖି ଶିଖି
କବିତା ଲେଖି ଲେଖି

7) ସମସ୍ତେ କ'ଣ ଖାଇକି ଶୋଇ ପଡ଼ିଲେଣି ?

ସେମାନେ ଶୋଇ ପଡ଼ିଲେଣି ?
ତୁମେ ଶୋଇ ପଡ଼ିଲଣି ?
ତୁ ଶୋଇ ପଡ଼ିଲୁଣି ?
ତୁମେମାନେ ଶୋଇ ପଡ଼ିଲଣି ?
ଆପଣମାନେ ଶୋଇ ପଡ଼ିଲେଣି ?

8) ମୁଁ ନପଢ଼ିକରି ହିଁ ଯାଇଥିଲି ।

ସେ ନଶୁଣିକରି କହିଥିଲା
ତୁମେ ନକହିକରି ରଖିଥିଲ
ତୁ ନନେଇକରି ଖାଇଥିଲୁ
ତୁମେମାନେ ନଖାଇକରି ନାଚିଥିଲ
ଆପଣମାନେ ନଦେଖିକରି ଲେଖିଥିଲେ

9) ଦି ଜଣ ଯାକ ଜନସେବା କରି କରି କି ଜୀବନ ବିତେଇ ଦେଲେ ।

ସେମାନେ	ଗୀତ	ଗାଇଗାଇ	ଦେଲେ ।
ପିଲାମାନେ	ପାଠ	ପଢ଼ିପଢ଼ି	ଦେଲେ ।
ତୁ	କଥା	କହିକହି	ଦେଲୁ ।
ତୁମେ	ନାଚ	କରିକରି	ଦେଲ ।
ଆଇ	ରାମାୟଣ	ଶୁଣିଶୁଣି	ଦେଲା ।

III. उदाहरण के अनुसार कोष्ठक में दी गयी मूल क्रियाओं के उपयुक्त रूपों का प्रयोग कर वाकय् पूरे कीजिए।

उदाहरण:- ମା' _____ ଶୋଇ ପଡ଼ିଲା । (ଖା')

ମା' ଖାଇକି ଶୋଇ ପଡ଼ିଲା ।

1. ତୁମେ _____ ଆସିଲ । (ରାନ୍ଧ୍)
2. ତୁ _____ ଗଲୁ । (ନେ)
3. ସମସ୍ତେ କ'ଣ _____ ଶୋଇପଡ଼ିଲେଣି ? (ଖା')
4. ଝିଅ _____ ଉଠିଲା । (ଶୋ)
5. ବାପା ଭାଷଣ _____ ଆସିଲେ । (ଦେ)

IV. उदाहरण के अनुसार नीचे दिए गए वाक्यों का परिवर्तन कीजिए।

उदाहरण:- ସେ କାନ୍ଦିକି ଆସିଲା।
ସେ କାନ୍ଦି କାନ୍ଦିକି ଆସିଲା।

1. ସେ ଖାଇକି ଗଲା।
2. ମୁଁ ଚାଲିକି ଆସିଲି।
3. ତୁମେ ଖେଳିକି ଗଲ।
4. ଆପଣ ବସିକି ଆସିଲେ।
5. ଆମେ ପଢ଼ିକି ଶୋଇଲୁ ।

V. उदाहरण के अनुसार दिए गए प्रत्येक वाक्य के दो-दो वाक्य बनाइए।

उदाहरण:- (1) ମୁଁ କହି ଆସିଲି।
1. ମୁଁ କହିକି ଆସିଲି।
2. ମୁଁ କହିକରି ଆସିଲି।

1. ଆମ୍ଭେମାନେ ପଢ଼ିଆସିଲୁ।
2. ତୁ ଶୁଣି ଲେଖିଲୁ।
3. ରୀତା ଭାତ ଖାଇ ଶୋଇଲା।
4. ସେମାନେ କହି ଗଲେ ।
5. ଆପଣ ଦେଖି ଗଲେ।

VI. कोष्ठक में दिए गए शब्दों में से उपयुक्त शब्द चुनकर वाक्य पूरे कीजिए।

(1) (ଓଡ଼ିଶାର, ବୋଉ, ଅଠତିରିଶ, ବାପା, ବିବାହ)

1. ରାତିରେ _____ ନଖାଇକି ଶୋଇ ପଡ଼ିଲା।
2. ଆଜି _____ ଭାଷଣ ଦେଇକି ଆସିଲେ।
3. କୁନ୍ତଳା କୁମାରୀ _____ ଜଣେ ନାରୀ କବି।
4. କୃଷ୍ଣ ପ୍ରସାଦଙ୍କୁ ______ କରିଥିଲେ।
5. କୁନ୍ତଳା କୁମାରୀ ସାବତ _____ ବର୍ଷ ବୟସରେ ପରଲୋକ ଗମନ କରିଥିଲେ।

(2)

1. କୁନ୍ତଳା କୁମାରୀଙ୍କ ଉପରେ ଗୋଟିଏ ଆଲୋଚନା ସଭା _____। (ହେଉଥିଲ, ହେଉଥିଲା)
2. ମୁଁ ଆଗରୁ କୁନ୍ତଳା କୁମାରୀଙ୍କ ଉପରେ ବହୁତ ବହି _____। (ପଢ଼ିଥିଲୁ, ପଢ଼ିଥିଲି)
3. ତମେ କେଉଁଠିକି ଭାଷଣ ଦେବାକୁ ______ ? (ଯାଇଥିଲା, ଯାଇଥିଲ)

4. ଇଂରେଜ ସରକାର ତାଙ୍କ 'ଆହ୍ୱାନ' କବିତାକୁ ବ୍ୟାଜ୍ୟାପ୍ତ କରି _____ । (ଦେଇଥିଲୁ, ଦେଇଥିଲେ)

5. ସେ କବିତା ଲେଖିକରି ସୁନାମ ଅର୍ଜନ ______ । (କରିଥିଲେ, କରିଥିଲୁ)

VII. प्रत्येक खंड से एक-एक शब्द या वाक्याँश का प्रयोग कर सार्थक वाक्य बनाइए।

'क'	'ख'	'ग'	'घ'
ସେ	ଗୀତ	କହିକି	ଜୀବନ ବିତେଇ ଦେବ ।
ତୁମେ	ପାଠ	କରିକି	ପାସ୍ କରିବି।
ଆପଣ	କଥା	ଗାଇକି	ସୁନାମ ଅର୍ଜନ କରିବେ ।
ମୁଁ	ସେବା	ଲେଖିକି	ନାମ କମେଇବ ।
ସେ	କବିତା	ପଢ଼ିକି	ସମୟ କଟେଇ ଦେବ ।

VIII. कोष्ठक में दी गई क्रियाओं के उपयुक्त रूपों का प्रयोग कर वाक्य पूरे कीजिए।

1. ମୋର କବିତା _____ ମନ ହେଉଛି । (ଲେଖ୍)
2. ମୁଁ ଭାଷଣ _____ ଯାଇଥିଲି । (ଦେ)
3. ଆପଣ ଆଜି କେଉଁଠିକୁ _____ ଯାଇଥିଲେ ? (ଖାଇବା)
4. କୁନ୍ତଳା କଟକରୁ ଡାକ୍ତରୀ _____ ବାହାରିଥିଲେ । (ପଢ଼)
5. କୁନ୍ତଳା କୁମାରୀ ସାବତ ଅନେକ ଗଳ୍ପ, କବିତା _____ । (ଲେଖିବା)

IX. नीचे दिए गए (क) और (ख) वर्ग के शब्दों का सही प्रकार मिलान कीजिए।

'क'	'ख'
ସୁନାମ	ବୋହୂ
ପରଶ	ଗମନ
କାଳି	ମଣି
ଜନ	ଅର୍ଜନ
ପରଲୋକ	ସେବା

X. उदाहरण के अनुसार नीचे दिए गए वाक्यों के प्रश्न वाचक वाक्य बनाइए।

उदाहरण:- ସମସ୍ତେ ଖାଇକି ଶୋଇ ପଡ଼ିଲେଣି ।
ସମସ୍ତେ କ'ଣ ଖାଇକି ଶୋଇ ପଡ଼ିଲେଣି ?

1. ସେ ଉପନ୍ୟାସ ରଚନା କରିକି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।
2. ତମେ ଭାଷଣ ଦେଇକି ଆସିଲ ।
3. ତମେ ପଢ଼ି କରି ଯାଇଥିଲ ।
4. ସେମାନେ ଜନସେବା କରି କରି ଜୀବନ ବିତେଇ ଦେଇଥିଲେ ।
5. ତୁ ତ ନିଜ ପାଠ ପଢ଼ି ପଢ଼ିକି ହାଲିଆ ହୋଇ ଯାଉଛୁ ।

पढ़िए और समझिए

କବିବର ରାଧାନାଥ

कबिबर राधानाथ

ରାଧାନାଥ ରାୟ୍ ଆଧୁନିକ ସାହିତ୍ୟର ସ୍ରଷ୍ଟା । ତାଙ୍କର ଜନ୍ମ ୧୮୪୮ ମସିହା । ତାଙ୍କ ସାହିତ୍ୟ ପୂର୍ବରୁ ଆଦି ଯୁଗ, ପଞ୍ଚସଖା ଯୁଗ ଓ ରୀତି ଯୁଗ ଶେଷ ହୋଇଯାଇଥାଏ । ସେତେବେଳେ ଭାରତର ଲେଖକମାନଙ୍କୁ ପଶ୍ଚିମୀ ଶିକ୍ଷା ଆକ୍ରାନ୍ତ କରିଥାଏ । ପଶ୍ଚିମୀ ଶିକ୍ଷା ପାଇକରି ଲେଖକମାନେ ଏକ ନୂତନ ଚିନ୍ତାଧାରା ପାଇଲେ । ୧୮୭୦-୭୨ ବେଳକୁ "ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ୍" ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ । ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ଥିଲା ଓଡ଼ିଆକୁ ସ୍କୁଲଭାଷା ଭାବେ ବ୍ୟବହାର ନକରି ବଙ୍ଗଳା ଭାଷାକୁ ସ୍କୁଲ ଭାଷା ଭାବେ ବ୍ୟବହାର କରିବା । ପଶ୍ଚିମ ଓଡ଼ିଶାରେ ଓଡ଼ିଆକୁ ଉଠାଇକରି ହିନ୍ଦୀଭାଷାର ବ୍ୟବହାର କରିବା ପାଇଁ ମଧ୍ୟ ଚେଷ୍ଟା ଚାଲିଥିଲା । ଏହି ସମୟ୍ରେ ଆଧୁନିକ ଯୁଗର ସାହିତ୍ୟକାରମାନଙ୍କର ଦାୟିତ୍ୱ ହେଲା ଓଡ଼ିଆ ଭାଷାକୁ ବଂଚେଇ କରି ରଖିବା । ଏଥିପାଇଁ ସ୍କୁଲ ପାଠ୍ୟକ୍ରମ ରଚନା କରିବା ଏବଂ ଓଡ଼ିଆ ଭାଷାକୁ ଆଧୁନିକ ଢାଞ୍ଚାରେ ଗଢ଼ିକରି ରଖିବା ହିଁ ମୂଳ ଉଦ୍ଦେଶ୍ୟ ଥିଲା । ରାଧାନାଥଙ୍କ ସହିତ ମଧୁସୂଦନ ରାଓ, ଫକୀରମୋହନ ସେନାପତି ଓ ଗଙ୍ଗାଧର ମେହେର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଆଧୁନିକ ଓଡ଼ିଆ ଗଦ୍ୟର ସୃଷ୍ଟି, ସ୍କୁଲ ପାଠ୍ୟ ପୁସ୍ତକ ନିର୍ମାଣ, ଗଳ୍ପ, ଉପନ୍ୟାସ, କବିତାରେ ଆଧୁନିକତାର ଛାପ ଲଗାଇବା ଏମାନଙ୍କ ସାମ୍ନାରେ ପ୍ରଚଣ୍ଡ ଆହ୍ୱାନ ଥିଲା ଏବଂ ଏମାନେ ମଧ୍ୟ ଏ ସବୁଥିରେ ସଫଳ ଲାଭ କରିଥିଲେ । ଫକୀର ମୋହନ ଓଡ଼ିଆ ସାହିତ୍ୟରେ ପ୍ରଥମ ଗଳ୍ପ ଲେଖି ଅମର ହୋଇଥିଲେ । କବି ଗଙ୍ଗାଧର ମେହେର ମଧ୍ୟ କବିତା ଲେଖିକରି ସାହିତ୍ୟ ସମାଜରେ ଅମର ହୋଇଥିଲେ । ରାଧାନାଥ, ମଧୁସୂଦନ ଓ ଫକୀରମୋହନ ସ୍କୁଲ ଶିକ୍ଷକତାରୁ ଆରମ୍ଭ କରି ସ୍କୁଲ ଇନସ୍‌ପେକ୍ଟର ହେବା ପର୍ଯ୍ୟନ୍ତ ବିଭିନ୍ନ

କାର୍ଯ୍ୟ କରିଥିଲେ ।

ରାଧାନାଥ ବିଭିନ୍ନ ପ୍ରକାର କାବ୍ୟ ଲେଖିକରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ତାଙ୍କ କାବ୍ୟ ଗୁଡ଼ିକ ମଧ୍ୟରେ 'ଚିଲିକା', 'ଦରବାର', 'ନନ୍ଦିକେଶ୍ୱରୀ', 'ମହାଯାତ୍ରା', 'ପାର୍ବତୀ', 'କେଦାରଗୌରୀ' ଇତ୍ୟାଦି ପ୍ରଧାନ । ସେହିପରି ଫକୀରମୋହନ 'ଛ'ମାଣ ଆଠ ଗୁଣ୍ଠ', 'ମାମୁଁ', 'ଲଛମା', 'ପ୍ରାୟଶ୍ଚିତ' ଆଦି ଉପନ୍ୟାସ ରଚନା କରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ଜୀବନ୍ତ କରିଥିଲେ । ଗଙ୍ଗାଧର ମେହେର 'ତପସ୍ୱିନୀ' କାବ୍ୟ ଲେଖିକରି ଅମର ହୋଇଥିଲେ । ମଧୁସୂଦନ ରାଓଙ୍କର 'ବର୍ଣ୍ଣବୋଧ' ଏବେ ମଧ୍ୟ ବର୍ଣ୍ଣ ଶିଖେଇବା ଆରମ୍ଭ କରେ । ରାଧାନାଥ ରାୟ ଗ୍ରୀକ ସାହିତ୍ୟରୁ ବିଷୟବସ୍ତୁ ଆଣି ତାକୁ ଓଡ଼ିଆ ଛାଞ୍ଚରେ ରଖି 'କେଦାର ଗୌରୀ' ଏବଂ 'ପାର୍ବତୀ' ପରି କାବ୍ୟମାନ ସୃଷ୍ଟି କରିଛନ୍ତି । ରାଧାନାଥଙ୍କୁ ଆଧୁନିକ ସାହିତ୍ୟର ସ୍ରଷ୍ଟା ଭାବରେ ସମସ୍ତେ ସ୍ୱୀକାର କରିଛନ୍ତି ହେଲେ ତାଙ୍କ ପଶ୍ଚମୀ ଶିକ୍ଷା, ସାହିତ୍ୟ ରୀତିର ଅନୁକରଣକୁ ଅନ୍ୟ ଲେଖକମାନେ ସମାଲୋଚନା କରିଛନ୍ତି । ଏସବୁ ସତ୍ତ୍ୱେ ସେ କବିବର ଉପାଧୀରେ ଭୂଷିତ ।

शब्दार्थ

ओड़िआ शब्द	**हिंदी अर्थ**
ଆଧୁନିକ	**आधुनिक**
ସାହିତ୍ୱର ସ୍ରଷ୍ଟା	**साहित्य का स्त्रष्टा**
ଆଦିଯୁଗ	**आदियुग**
ରୀତିଯୁଗ	**रीतियुग**
ପଂଚସଖା ଯୁଗ	**पंचसखा युग**
ପଶ୍ଚିମୀ ଶିକ୍ଷା	**पश्चिमी शिक्षा**
ନୂତନ ଚିନ୍ତାଧାରା	**नया चिंताधारा**
ଉଦ୍‌ବୃଦ୍ଧ	**उद्‌बृद्ध**
'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ'	**'ओड़िआ स्वतंत्र भाषा नए' (एक भाषा आंदोलन्)**
ଆନ୍ଦୋଳନ	**आंदोलन**
ସ୍କୁଲଭାଷା	**स्कूल की भाषा**
ବ୍ୟବହାର ନକରି	**व्यवहार न करे**
ମୁଖ୍ୟଲକ୍ଷ	**मुख्य लक्ष**

ଓଡ଼ିଆଭାଷା	ओड़िआ भाषा
ବଙ୍ଗଳାଭାଷା	बंगाली भाषा
ଉଠାଇକରି	उठाकर
ଚେଷ୍ଟା ଚାଲିଥିଲା	प्रयास चल रहा था
ସାହିତ୍ୟକାର	साहित्यकार
ଦାୟିତ୍ୱ	दायित्व
ବଂଚାଇକରି	बचाकर
ସ୍କୁଲ ପାଠ୍ୟକ୍ରମ	पाठ्यक्रम
ଆଧୁନିକ ଢାଂଚାରେ	आधुनिक ढंग से
ମଧୁସୂଦନ ରାଓ	मधुसूदन राउ (कवि)
ଫକୀର ମୋହନ ସେନାପତି	फकिरमोहन सेनापति (उपन्यासकार)
ଗଙ୍ଗାଧର ମେହେର	गंगाधर मेहेर (कवि)
ପ୍ରମୁଖ ଭୂମିକା	मुख्य भूमिका
ଗଦ୍ୟର ସୃଷ୍ଟି	गद्य की सृष्टि
ଗଳ୍ପ	गल्प
ଉପନ୍ୟାସ	उपन्यास
କବିତା	कविता
ପ୍ରଚଣ୍ଡ ଆହ୍ୱାନ	प्रचंड़ आह्वान
ପ୍ରଥମ କରି	पहले से
ଉପନ୍ୟାସକାର	उपन्यासकार
କବିତା ଲେଖିକରି	कविता लिखकर
ସାହିତ୍ୟ ସମାଜରେ	साहित्य समाज में
ଅମର ହୋଇଥିଲେ	अमर होगए थे
ଇନ୍‌ସ୍‌ପେକ୍ଟର	इन्स्पेक्टर
କାବ୍ୟ ଲେଖିଥିଲେ	लिखे थे
ସମୃଦ୍ଧ କରିଥିଲେ	समृद्ध किए थे

ଚିଲିକା	चिलिका (एक काव्य का नाम)
ଦରବାର	दरबार (एक व्यंगकाव्य का नाम)
ନନ୍ଦିକେଶ୍ୱରୀ	नंदिकेश्वरी (एक काव्य का नाम)
ମହାଯାତ୍ରା	महायात्रा (एक काव्य का नाम)
ପାର୍ବତୀ	पार्बती (एक काव्य का नाम)
କେଦାରଗୌରୀ	केदारगौरी (एक काब्य का नाम)
ଛ'ମାଣ ଆଠଗୁଣ୍ଠ	छ'माण आठ गुंठ (एक उपन्यास का नाम)
ମାମୁଁ	मामुँ (एक उपन्यास का नाम)
ଲଚ୍ଛମା	लछमा (एक उपन्यास का नाम)
ପ୍ରାୟଶ୍ଚିତ	प्रायश्चित (एक उपन्यास का नाम)
ରଚନା କରି	रचना करके
ଜୀବନ୍ତ କରିଥିଲେ	जीवंत किए थे
ତପସ୍ୱିନୀ	तपस्विनी (एक काव्य का नाम)
ବର୍ଣ୍ଣବୋଧ	वर्णबोध
ଗ୍ରୀକ୍ ସାହିତ୍ୟରୁ	ग्रीक् साहित्य से
ବିଷୟବସ୍ତୁ	विषयवस्तु
ସାହିତ୍ୟ ରୀତିର	साहित्य रीति का
ଅନୁକରଣକୁ	अनुकरण करने के लिए
ଅନ୍ୟ ଲେଖକ	अन्य लेखक
ସମାଲୋଚନା	समालोचना

अभ्यास

I. अनुच्छेद के अनुसार नीचे दिए गए प्रश्नों के उत्तर लिखिए।

1. ରାଧାନାଥ ରାୟ୍ କିଏ ?
2. କେଉଁ ମସିହାରେ ସେ ଜନ୍ମ ଗ୍ରହଣ କରିଥିଲେ ?
3. କେଉଁ କେଉଁ ଯୁଗ ରାଧାନାଥଙ୍କ ସାହିତ୍ୟ ପୂର୍ବରୁ ଶେଷ ହୋଇଥିଲା ?
4. କେଉଁମାନେ ପଶ୍ଚିମୀ ଶିକ୍ଷା ପାଇକରି ନୂତନ ଚିନ୍ତାଧାରାରେ ଉଦ୍‌ବୃଦ୍ଧ ହେଲେ ?
5. କେବେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ୍' ଆନ୍ଦୋଳନ ଆରମ୍ଭ ହୋଇଥିଲା ?
6. ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?
7. ପଶ୍ଚିମ ଓଡ଼ିଶାରେ ଓଡ଼ିଆକୁ ଉଠାଇକରି କେଉଁ ଭାଷାରେ ବ୍ୟବହାର କରିବା ପାଇଁ ଚେଷ୍ଟା ଚାଲିଥିଲା ?
8. କେଉଁମାନଙ୍କର ଦାୟିତ୍ୱ ହେଲା ଓଡ଼ିଆ ଭାଷାକୁ ବଂଚାଇ କରି ରଖିବା ?
9. କେଉଁମାନେ ରାଧାନାଥଙ୍କ ସହିତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ?
10. କାହାକୁ ଭାରତୀୟ୍ ଭାଷାମାନଙ୍କରେ ପ୍ରଥମ କରି ଉପନ୍ୟାସକାର ହେବାର ସୁଯୋଗ ମିଳିଥିଲା ?
11. 'ତପସ୍ୱିନୀ' କାବ୍ୟ କିଏ ଲେଖି ଅମର ହୋଇଥିଲେ ?
12. କେଉଁମାନେ ସ୍କୁଲ ଶିକ୍ଷକତାରୁ ଆରମ୍ଭ କରି ସ୍କୁଲ ଇନ୍‌ସ୍‌ପେକ୍ଟର ହେବାପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ କରିଥିଲେ ?
13. ରାଧାନାଥ କ'ଣ କ'ଣ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ?
14. କାହାର ପଶ୍ଚିମୀ ସାହିତ୍ୟ ରୀତିର ଅନୁକରଣକୁ କେଉଁମାନେ ସମାଲୋଚନା କରିଛନ୍ତି ?
15. ରାଧାନାଥଙ୍କୁ କାହିଁକି କବିବର କୁହାଯାଏ ?

II. नीचे दिए गए प्रत्यक शव्द समूह के शब्दों को ठीक क्रम में लाकर वाक्य बनाइए।

1. ଲକ୍ଷ୍ୟ, ଆନ୍ଦୋଳନର, ଥିଲା, ମୁଖ୍ୟ, ବ୍ୟବହାର ନକରି, ସ୍କୁଲ ଭାଷା ଭାବେ, ଓଡ଼ିଆକୁ, ବଙ୍ଗଳାଭାଷାକୁ, ଏହି, ସ୍କୁଲଭାଷା କରିବା
2. ସାହିତ୍ୟକାର ମାନଙ୍କର, ବଂଚାଇକରି ରଖିବା, ଓଡ଼ିଆଭାଷାକୁ, ହେଲା, ଦାୟିତ୍ୱ, ଏହି ସମୟ୍ରେ, ଆଧୁନିକ ଯୁଗର

3. ଆଧୁନିକ ଢାଂଚାରେ, ସ୍କୁଲ ପାଠ୍ୟକ୍ରମ, ଓଡ଼ିଆ ଭାଷାକୁ, ଏଥିପାଇଁ, ରଚନା କରିବା, ଏବଂ, ଗଢ଼ିକରି ରଖିବା ହିଁ, ଥିଲା, ଉଦ୍ଦେଶ୍ୟ, ମୂଳ
4. ପ୍ରଚଣ୍ଡ ଆହ୍ୱାନ ଥିଲା, ଆଧୁନିକତାର ଛାପ, ଲଗାଇବା, ସାମ୍ନାରେ, ଏମାନଙ୍କ, କବିତାରେ, ସ୍କୁଲ ପାଠ୍ୟ ପୁସ୍ତକ, ନିର୍ମାଣ, ଉପନ୍ୟାସ, ଗଳ୍ପ, ଆଧୁନିକ, ଓଡ଼ିଆ ଗଦ୍ୟର ସୃଷ୍ଟି
5. ଅମର, ଲେଖିକରି, ଗଙ୍ଗାଧର ମେହେର, 'ତପସ୍ୱିନୀ' କାବ୍ୟ, ହୋଇଥିଲେ
6. ଆରମ୍ଭ, ବର୍ଣ୍ଣ, ଶିଖେଇବା, ଏବେ, ମଧ୍ୟ, ମଧୁସୂଦନ ରାଓଙ୍କର, ବର୍ଣ୍ଣବୋଧ
7. ପାର୍ବତୀ ପରି, ଏବଂ, କାବ୍ୟମାନ, କେଦାରଗୌରୀ, ଓଡ଼ିଆ ଛାଂଚରେ, ସୃଷ୍ଟି କରିଛନ୍ତି, ଗ୍ରୀକ୍ ସାହିତ୍ୟରୁ, ରଖିକରି, ବିଷୟବସ୍ତୁ ଆଣି, ତାକୁ, ରାଧାନାଥ ରାୟ୍।

III. 'क' और 'ख' खंड में दिए गए ओड़िआ और हिंदी के समानार्थक शब्दों/वाक्यांशों का सही मिलान कीजिए।

'क'	'ख'
ରାଧାନାଥ ରାୟ୍	ଉପନ୍ୟାସକାର
ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ୍	ଆଧୁନିକତାର ଛାପ
ଫକୀର ମୋହନ ସେନାପତି	କବିବର
ବର୍ଣ୍ଣବୋଧ	ତପସ୍ୱିନୀ କାବ୍ୟ
ପଶ୍ଚମି ଶିକ୍ଷା	ମଧୁସୂଦନ ରାଓ
ଆନ୍ଦୋଳନର ମୂଳ ଲକ୍ଷ୍ୟ	୧୮୭୦ - ୭୨ ମସିହା
ଗଙ୍ଗାଧର ମେହେର	ବଙ୍ଗଳା ଭାଷାକୁ ସ୍କୁଲ ଭାଷା କରିବା

IV. कोष्ठक में दिए गए शब्दों का उपयुक्त स्थान पर प्रयोग कर वाक्य पूरे कीजीए।

(ତପସ୍ୱିନୀ, ଗ୍ରୀକ୍ ସାହିତ୍ୟ, ୧୮୪୮ ମସିହା, ୧୮୭୦-୭୨, ଗଙ୍ଗାଧର ମେହେର, ଫକୀରମୋହନ ସେନାପତି, ମଧୁସୂଦନ ରାଓ, ବଙ୍ଗଳା ଭାଷାକୁ)

1. କବି ରାଧାନାଥଙ୍କ ଜନ୍ମ ________ ମସିହାରେ।
2. 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ୍' ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ଥିଲା ଓଡ଼ିଆକୁ ସ୍କୁଲଭାଷା ଭାବେ ବ୍ୟବହାର ନକରି ________ ଭାଷାକୁ ସ୍କୁଲଭାଷା କରିବା।
3. 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ୍ ' ଆନ୍ଦୋଳନ __________ ମସିହାରେ

ଆରମ୍ଭ ହୋଇଥିଲା ।

4. ରାଧାନାଥଙ୍କ ସହିତ ________, ________ ଓ ________ ଆଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

5. ଗଙ୍ଗାଧର ମେହେର ________ କାବ୍ୟ ଲେଖି ଅମର ହୋଇଥିଲେ ।

6. ରାଧାନାଥ ରାୟ ________ ରୁ ବିଷୟବସ୍ତୁ ଆଣି ତାକୁ ଓଡ଼ିଆ ଛାଂଚରେ ରଖିକରି କେଦାରଗୌରୀ ଏବଂ ପାର୍ବତୀ ପରି କାବ୍ୟମାନ ସୃଷ୍ଟି କରିଛନ୍ତି ।

V. हिंदी में अनुवाद कीजिए।

ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ ସୁପରିଚିତା ସରଳାଦେବୀ ୧୯୦୪ ମସିହା ଅଗଷ୍ଟ ୧୯ ତାରିଖରେ କଟକ ଜିଲ୍ଲାର ଏକ ଆଭିଜାତ୍ୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶାରେ ସବୁଜ ସାହିତ୍ୟ ଗୋଷ୍ଠୀର ସେ ଅନ୍ୟତମ ଲେଖିକା । ଓଡ଼ିଶାର ନାରୀ ଆନ୍ଦୋଳନରେ ଏହି ମହୀୟସୀ ମହିଳାଙ୍କର ଦାନ ଅତୁଳନୀୟ । ଗୃହ ଜଞ୍ଜାଳ ମଧ୍ୟରେ ଥାଇ ସୁଦ୍ଧା ଜୀବନ ବ୍ୟାପୀ ଆରାଧନା ଏବଂ ସମାଜ ସେବାରେ ସେ ଜୀବନ ଉତ୍ସର୍ଗ କରିଛନ୍ତି । 'କୁନ୍ତଳା କୁମାରୀଙ୍କ କବି ପ୍ରତିଭା' ଏବଂ 'ସାରଳା ମହାଭାରତରେ ନାରୀ' ଶୀର୍ଷକ ଦୁଇଟି ସମାଲୋଚନାତ୍ମକ ପୁସ୍ତକ ରଚନା କରି ସେ ପାଠକ ସମାଜର ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରକାଶିତ ପୁସ୍ତକାବଳୀ - 'ନାରୀର ଦାବୀ', 'ନାରୀ ଜଗତ', 'ଭାରତୀୟ ମହିଳା ପ୍ରସଙ୍ଗ', 'ଗାଁ ବାଲାଙ୍କ କଥା', 'ବୀର ରମଣୀ', 'ବିଶ୍ୱ ବିପ୍ଲବିଣୀ', 'ସତୀ ଧର୍ମ', 'ଅଭୟ ବାଣୀ' ଇତ୍ୟାଦି ଅନ୍ୟତମ । ୧୯୩୬ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ ବୋର୍ଡର ସେ ପ୍ରଥମ ମହିଳା ସଦସ୍ୟା ଥିଲେ । ଓଡ଼ିଶାର ଏକମାତ୍ର ମହିଳା ପ୍ରତିନିଧୀ ଭାବରେ ସେ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଶିକ୍ଷା କମିଶନରେ ଯୋଗ ଦେଇଥିଲେ । ସେ ମଧ୍ୟ ନିଖିଳ ଭାରତ କଂଗ୍ରେସ କମିଟିର ପ୍ରଥମ ଓଡ଼ିଆ ସଦସ୍ୟା ଏବଂ ଉତ୍କଳ ସାହିତ୍ୟ ସମାଜର ସମ୍ପାଦିକା ଓ ଉପସଭାପତି ଆସନ ଅଳଂକୃତ କରିଥିଲେ । ନିଖିଳ ଭାରତ ମହିଳା ସମ୍ମିଳନୀର ଷ୍ଟାଣ୍ଡିଂ କମିଟିକୁ ଦୁଇଥର ନିର୍ବାଚିତ ହୋଇଥିଲେ । ଓଡ଼ିଆ ସାହିତ୍ୟ ଏକାଡ଼େମୀ ତାଙ୍କୁ ଦୁଇଥର ପୁରସ୍କୃତ କରିଥିଲେ ।

ଓଡ଼ିଆ ସାହିତ୍ୟରେ ନାରୀବାଦ (ଫେମିନିଜିମ୍) ର ପ୍ରଚଳନ ସେ ହିଁ ଆରମ୍ଭ କରିଥିଲେ । ୧୯୩୬ ରେ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ' ଗଠିତ ହେଲା ଏବଂ ସରଳା ଦେବୀ ପ୍ରଥମ ମହିଳା ବିଧାୟିକା ଭାବରେ ନିର୍ବାଚିତ ହୋଇଥିଲେ । ଲବଣ ସତ୍ୟାଗ୍ରହ ପରେ ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ସରୋଜିନୀ ଚୌଧୁରୀ, କୋକିଳା ଦେବୀଙ୍କ ସହିତ ମିଶି ନିଖିଳ ଉତ୍କଳ ନାରୀ ପରିଷଦ ଗଠନରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟତମା କର୍ମୀ ବୀଣାପାଣି ଦେବୀଙ୍କ ନେତୃତ୍ୱରେ ସରଳା ଦେବୀଙ୍କୁ

ଡିସେମ୍ବର ୮, ୧୯୩୦ ମସିହାରେ କଟକଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ୧୯୮୬ ଅକ୍ଟୋବର ୪ ତାରିଖରେ ଏହି ମହିୟସୀ ମହିଳାଙ୍କର ଦେହାବସାନ ଘଟିଥିଲା ।

VI. **ओड़िआ में अनुवाद कीजिए ।**

राधुआ प्रतिदिन गायें लेकर वन को जाता था। वह बड़ा शरारती था। कभी-कभी वह झूठ-झूठ ही चिल्ला-चिल्लाकर कहता था कि गायों को बाघ ले कर खा रहा था। गाँव के लोग उनकी आवाज़ सुनकर दौड़ आते थे। तब राधुआ हँसता था। एक दिन वास्तव में बाघ दौड़ते हुए आया। राधुआ ने रो-रो कर सब को बुलाया। लेकिन उसका रोना सुनकर कोई भी नहीं आया। झूठ बोलकर राधुआ का प्राण चला गया। यह कहानी सुनकर हम को एक सबक सीखना चाहिए। झूठ बोल कर हम किसी की वंचना नहीं करना है। झूठ बोलने से हमें ही खतरा आनेवाला है। एक बार झूठ बोलने से और एक बार बोलने कि आशा होती है। लेकिन यह आदत हमारेलिए खतरनाक है। केवल सच ही परमात्मा है और परमात्मा सच ही है। सच बोलनेवालों को किसी से डरने की आवश्यकता नहीं। उन की देखरेख भगवान ही करेगा।

VII. **अपने क्षेत्र की कोई एक लोक-कथा ओड़िआ में लिखिए।**

टिप्पणियाँ

I. **इस पाठ में निम्न प्रकार के वाक्यों का प्रयोग हुआ है।**

1. ସମସ୍ତେ କ'ଣ <u>ଖାଇକରି</u> ଶୋଇପଡ଼ିଲେଣି । **क्या सभी खाकर सो गए?**
   समस्ते क'ण <u>खाइकरि</u> शोइपड़िलेणि।

2. ହଁରେ ମା', ମୁଁ <u>ଭାଷଣ ଦେଇକରି</u> ହିଁ ଆସିଲି । **हाँ बेटी, मैं भाषण देकर ही आया हूँ।**
   हँरे मा', मुँ <u>भाषण देइकरि</u> हिं आसिलि।

3. ମୁଁ ଭାଷଣ <u>ଦେଇକି</u> ଆସିଲି । **मैं भाषण देकर ही आया हूँ।**
   मुँ भाषण <u>देइकि</u> आसिलि।

4. ଏଥର ଆଉ ପଢ଼ିକି <u>ଯିବା ଦରକାର</u> ପଡ଼ିଲା ନାହିଁ । **इस बार और पढ़कर जाने की आवश्यकता नहीं पड़ी।**
   एथर आउ पढ़िकि <u>जिबा दरकार</u> पड़िला नाहिं।

5. ଆଜି ମୁଁ <u>ନପଢ଼ିକରି</u> ଯାଇଥିଲି । — आज मैं न पढ़कर ही गया था।
आजि मुँ <u>नपढ़िकरि</u> जाइथिलि।

6. କେବଳ ବୋଉ <u>ବିନା ଖାଇବାରେ</u> ଶୋଇପଡ଼ିଲା । — केवल माताजी बिना खाए सो गई।
केबळ बोउ <u>बिना खाइबारे</u> शोइपड़िला।

7. ସେ କବିତା <u>ଲେଖିଲେଖି</u> କରି ଅମର ହୋଇଥିଲେ । — वे कविता लिख लिखकर अमर हुए थे।
से कबिता <u>लेखिलेखि</u> करि अमर होइथिले।

8. ଏବେ ତ ତୁ ନିଜ ପାଠ <u>ପଢ଼ି ପଢ଼ିକି</u> ହାଲିଆ ହୋଇଯାଉଛୁ । — अब तो तु अपनी पाठ पढ़ पढ़ के थक जाती है।
एबे त तु निज पाठ <u>पढ़ि पढ़िकि</u> हालिआ होइजाउछु।

उपर्युक्त (I.1 से 5 तक) के वाक्यों में रेखांकित क्रिया रूप हिंदी के 'खाकर', 'जाकर' प्रयोगों के समान पूर्वकालिक कृदंत हैं। ओड़िआ में पूर्वकालिक कृदंत दो प्रकार से बनाए जाते हैं।

मूल क्रिया + प्रत्यय '-ଇ' (-इ) + क्रिया रूप 'କରି' (करि)

(1) मूलक्रिया + प्रत्यय - '-ଇ' (इ) + '-କରି' (करि)
'ଖା' + -'ଇ' +-'କରି' = 'ଖାଇକରି' (खाकर)
'खा' + -'इ' + -'करि' = 'खाइकरि'
'ପଢ଼' +-'ଇ' + -'କରି' = 'ପଢ଼ିକରି' (पढ़कर)
'पढ्' + -'इ' + -'करि' = 'पढ़िकरि'

(2) मूलक्रिया + प्रत्यय '-ଇ' -'इ' + '-କି' '-कि' = (की)
'ଖା' + -'ଇ' + -'କି' = 'ଖାଇକି' खाके/ खाकर
'खा' + -'इ' + -'कि' = 'खाइकि'
'ପଢ୍' + -'ଇ' + -'କି' = 'ପଢ଼ିକି' पढ़के/ पढ़कर
'पढ्' + -'इ' + -'कि' = 'पढ़िकि'
'ଦେ' + -'ଇ' + -'କି' = 'ଦେଇକି' देके/ देकर

'दे' + -'इ' + -'कि' = 'देइकि'
'ଶୁଣ୍' + -'ଇ' + 'କି' = 'ଶୁଣିକି' सुनके/ सुनकर
'शुण्' + -'इ' + -'कि' = 'शुणिकि'

पूर्वकालिक कृदंत का प्रयोग समापिका क्रिया के पहले होता है और यह कृदंत क्रिया के संपन्न होने के भाव को बताता है। ध्यान दीजिए कि पूर्वकालिक कृदंत बनाने के लिए हिंदी में मूलक्रिया के साथ कोई प्रत्यय नहीं जोड़ा जाता। केवल मूलक्रिया के साथ (कर/के) का प्रयोग होता है। जैसे - खेल + कर = खेलकर, जा + कर = जाकर

II. **(I.6,7) के वाक्यों में पूर्वकालिक कृदंत के निषेधात्मक रूपों का प्रयोग हुआ है। यह भी दो तरह से होते हैं। पूर्वकालिक कृदंत के पहले** 'ନ' **(न) का प्रयोग करने से होने वाली निषेधात्मक रूप तथा मूल क्रिया से प्रत्यय** 'ଇ' **(-इ) जोड़कर उस के साथ** 'ବାରେ' **(बारे) प्रत्यय लगाकर होनेवाले कृदंत रूप के पहले** 'ବିନା' **'बिना' का प्रयोग कर के बनानेवाले निषेधात्मक रूप**

उदाहरण :-

1. ଖାଇକରି > ନ+ଖାଇକରି = ନଖାଇକରି
खाइकरि > न + खाइकरि = नखाइकरि
खाकर > न + खा + कर = न खाकर

2. ବିନା + -ଖା + -ଇବା + ରେ = ବିନାଖାଇବାରେ
बिना + - खा + -इबा + रे = बिनाखाइबारे
-ନ + -ପଢ଼ + -ଇ + କରି = ନପଢ଼ିକରି
-न + -पढ़् + -इ + -करि = नपढ़िकरि

ओड़िआ में तीसरा एक निषेधात्मक रूप भी है। उस में मूल क्रिया से 'ଇବା' **(-इबा) प्रत्यय लगाकर उस के बाद** 'ବିନା' **(बिना) का प्रयोग होता है।**

ସେ ଖାଇବା ବିନା ସ୍କୁଲକୁ ଚାଲିଗଲା ।
से खाइबा बिना स्कुलकु चालिगलावह बिना खाए स्कूल चला गया।

III. **वाक्य (I, 8) में पूर्वकालिक कृदंत की पुनरुक्ति हुई है। ऐसे प्रयोगों से समापिका क्रिया के पूर्व जो कार्य हुआ है, उस की सातत्यता का बोध होता है। जैसे :-**

ସେ କବିତା ଲେଖି ଲେଖି କରି ଅମର ହୋଇଥିଲେ । **वे कविता लिख लिखकर अमर हो**

गयीं।

से कबिता लेखि लेखि करि अमर होइथिले।

ଏବେ ତ ତୁ ନିଜ ପାଠ ପଢ଼ି ପଢ଼ିକି ହାଲିଆ ହୋଇଯାଉଛୁ ।

अब तो तु अपनी पाठ पढ़-पढ़ कर थक जाती हो।

एबे त तु निज पाठ पढ़ि पढ़िकि हालिआ होइजाउछु।